Applications should be in the candidate's own handwriting and be made to the Superintending Engineer, Public Health Department Bihar and Orissa. Patna. on or before the 25th August 1927.

Preference will be given to natives of, and man domiciled in, the province of Bihar and Orissa. No candidate will be regarded as domiciled unless he produces a certificate to the effect from the District Magistrate of the district in which he claims to be domiciled. Candidates should state their present age. Copies of testimonials, which will not be returned should accompany the applications.

Dated Patna

S[d]. T. S. Soorma,
Offg.-Superintending Engineer.
Public Health
Department
Bihar and Orissa.

358    27. 8. 27

Wanted a Tasildar for the Rairakhol State on a pay of Rupees Sixty only with free quarters. Knowledge of the Oriya language and judicial work preferred. Apply to Raja and Ruling Chief of Rairakhol State. P. O. Rairakhol via Sambalpur.

Raja and Ruling Chief,
Rairakhol State.
P. O. Rairakhol
via Sambalpur.

365 WANTED 20-8-27

A pandit in the Vernacular Teachers Service on Rs. 30-1-50 a month for the middle vernacular School for girls at Rampella in the district of Sambalpur. Applications with testimonials should be sent by the 23rd August to the Assistant Insp[ec]tress of Schools at Balasore.

Candidates mu[st] be middle vernacular passe[d and] trained. Only those who are n[ativ]es or domiciled in the provi[nce ne]ed apply.

Patna,
The 4th August, 1927.

E. Dawson.
Deputy Director of Public Instruction
Bihar and Orissa.

Digitized by srujanika@gmail.com

Split by PDF Splitter





366 WANTED 20-8-27

A Jailor on Rs. 50-2-60 per month for the Jail at Bolangir in Patna Feudatory State Free quarters and benefits of a liberal Provident Fund are attached to the post.

Qualifications required :— Good health and physically fitness for the post. Age—under 35 years. Height—not less than 5'—6''. Chest measurement-not less than 34 inches-Experience in Jail routine is a desirable qualification, but preference will be given to a candidate who can show by-past service that he is a disciplinarian and able to handlemen. A thorough knowledge of English is essential.

The selected candidate will have to join the post atonce and furnish a cash security of Rs. 500/-.

Applications with certificates of physical fitness (granted by the Civil Surgeon of the candidates' District or by the local Medical Officer), past age, past experience educational qualifications, and good character, should reach the undersigned on or before the 27th September 1927.

Sd/- A. E. C. Mc. Gavin,
Superintendent,
Patna Feudatory State,
Bolangir, P. O.
Via—Sambalpur, B. N. Ry.

# ବିଜ୍ଞାପନ

ଏତଦ୍ଵାରା ସମସ୍ତ ଟାଉନବାସୀ ହିନ୍ଦୁ ଓ ମୁସଲମାନ ଭାଇମାନଙ୍କୁ ଅନୁରୋଧ ଯେ ...ଳତ ଅଗଷ୍ଟ ମାସ ତା ୨୧ ରଖ ରୋଜ ...ରବିବାର ଅପରାହ୍ନ ୫ ଘ ଘଣ୍ଟା ସମୟ କଟକ ...ଉଦମରସୁଲଙ୍କ ବୈଠାମଧ୍ୟରେ ଗୋଟିଏ ...ସାଧାରଣ ସଭା ହେବ, ତହିଁରେ ପୂର୍ବଶାନ୍ତି ...ସଂରକ୍ଷଣ ଓ ଉଭ... ...ଙ୍କ ସମ୍ମିଳନ ସମ୍ବନ୍ଧେ ...ସ୍ଥାୟୀ ଭଲି ସ୍ଥାପି ହୋଇ ଆଲୋଚନା ହେବ । ...ଣୀକରେଁ ନଗରବାସୀ ଏକାର୍ଯ୍ୟରେ ଉକ୍ତ ...ସ୍ଥରେ ଯୋଗ ଦାନକରି ଦେଶର ମଙ୍ଗଳ ...ସାଧନ କରିବାକୁ କୁଣ୍ଠିତ ହେବେନାହିଁ ।

ବଶମ୍ବଦ

...।୧୯୨୭ ଅପଣମାନଙ୍କର ଶୁଭକାଂକ୍ଷୀ
...ର୍ଦ୍ଦି ବଜାର
...କଟକ
ମୂନସି ସେଖ ଅବଦୁଲ ରହିମ
ମହାଫେସ
ହାସେମ, କଦମ ରସୁଲ
ରଣାବୁଜମୋହନସିଂହ ସମ୍ପାଦକ
ଧର୍ମ ପ୍ରଦାୟିନୀ ସଭା

# ନିଲାମୀ ଇସ୍ତାହାର

...୭୧ ନମ୍ବର ଡିଃଜାରୀ ସନ ୧୯୨୭ ମସିହା
...ଶାହୁ ଡିଃ
...ରାଣୀ ଓ ମଣିବାଲା ଦେଃ ମାନେ
...ଙ୍କ ନମ୍ବରଲିଖିତମାଲ ଉକ୍ତିଟଙ୍କା ଅଦାଏ
...ନ୍ତେ କଟକ ଦ୍ଵିତୀୟ ମୁନସଫି କୋଟରେ
୧୫।୮।୨୭ ରଖେ ନିଲାମହେବ ।
୧। ଲୋ କଟକ ପ୍ରଃ କୋଠାଶଣ୍ଡି ମୌଃ
...ଗାଁ ବଲୁଥରେ ଥିବା ଦଉଜନ ବନ୍ଦୋ-

ବସ୍ତି ସ୍ଥିତିବାନ ସତ୍ଵ ନ ୨୫୯ ନମ୍ବର ଖାତା ୪୦—୩୨ ଡିଃ ରୁ ଜମା ଟ୦।୯ ମଧ୍ୟରୁ ଦେଣଦାରଙ୍କର ଜଃ ଟ୦। ରୁ ୪୦—୦୮ ରୁ ଜମା ଟ୦/୨ ଅଟେ ଉକ୍ତବୃତ୍ତି ଓ ସକଳପ୍ରକାର ସ୍ଵତ୍ଵ ନିଲାମହେବ ଆଃ ମୂଃ ଟ୧୦୯

୨। ଜଃ ଓ ପ୍ରଃ ଏକଜ ମୌଃ ଗାଁରବାରେ ଥିବା ନ ୧ ନମ୍ବର ଦେଣଦାରଙ୍କ ନାମରେ ନ ୭୨ ନମ୍ବର ଖାତା ଥାନି ସ୍ଥିତିବାନ ରଏତ ସତ୍ଵ ୪୧—୮ ରୁ ଜମା ଟ ୨୫ ଅଟେ ଉକ୍ତବୃତ୍ତି ଓ ସକଳ ପ୍ରକାର ସତ୍ଵ ନିଲାମ ହେବ ଆଃ ମୂଃ ଟ୫୦୯

— —

ନ ୧୨୪ନମ୍ବର ଡିଃଜାରୀ ସନ ୧୯୨୭ ମସିହା
କଃ ପ୍ରଥମ ମୁନସଫ କଟକ

ସିଦ୍ଧପଣ୍ଡା ସାଃ ନନ୍ଦରପଦା ପ୍ରଃ କୋଦଣ୍ଡା ଡିଃ ସୁନାସୀଦେଓ୍ୟା ସାଃ ଅଇଜ ପ୍ରଃ କୋଦଣ୍ଡା ଦେଃ ଉପରଲିଖିତନମ୍ବର ମୋକଦମା ରେ ଡିକ୍ରୀଦାରର ପ୍ରାପ୍ୟ ଟ ୧୬୦ ଙ୍କା ଆଦାଏ ନିମନ୍ତେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ସନ୧୯୨୭ ମସିହା ଅଗଷ୍ଟମାସ ତା ୧୫ରଖେ ନିଲାମହେବ

ସଃ ପୁଃ ଷ୍ଟେଃ ଓ ସବରେଜେଷ୍ଟ୍ରର ମୁଃ ସଦର ପ୍ରଃ କୋଦଣ୍ଡା ତାଃ ନନ୍ଦଲପଡ଼ା ଓଗେର ନ ୧୯୭୮ ନମ୍ବର ତଉଜି ମୌଃ ଅଇଜ ରକବାରେ ଥିବା ଥାନି ସ୍ଥିତିବାନ ଓ ମିଛା ୪୧—୨୭-୨୫ରୁ ଜମା ଟ ୨।/ ନିଲାମହେବ ଆଃ ମୂ ଟ ୫୦୯ ଙ୍କା

— —

ନ ୧୨୧ନମ୍ବର ଡିଃ ଜାରୀ ସନ ୧୯୨୭ ମସିହା
କଟକ ମୁଃ ପ୍ରଥମ ମୁନସଫଙ୍କ ଅଦାଲତ

ଯୁଧିଷ୍ଠିର କାନଗୋଇ ଓଗେର ସାଃ ବନ୍ଦାଲୋ ପ୍ରଃ ଖଣ୍ଡି ବାଦୀ ଡିଃ
ବିମ୍ବାଧର ପରିଡ଼ା ଓଗେର ସାଃ ଭରିପୋଲ ପ୍ରଃ ଖଣ୍ଡି ପ୍ରତିବାଦୀ ଦେଃ ମାନେ

ଉପରୋକ୍ତ ନମ୍ବର ମୋକଦମାର ଯାଉଣାଟଙ୍କା ଆଦାଏ ନିମନ୍ତେ ପ୍ରତିବାଦୀର ଭୋଗ ଦଖଲ ତଲ ଲେଖିତ ସମ୍ପତ୍ତି ତା ୧୫।୮।୨୭ ମସିହାରେ ନିଲାମହେବ

୧। ପ୍ରଃ ଖଣ୍ଡି ଜଃ ତାଃ ପିତେଇପୁର ନ ୨୮୭୭ ନମ୍ବର ତଉଜୀଭୁକ୍ତ ମୌଃ ଭରିପୋଲ ରକବାରେ ଥିବା ଦେଣଦାର ମାନଙ୍କର ଭୋଗ ଦଖଲ ଥାନି ମିଛା ୪୨—୩୪୩ ଡିଃ ନିଲାମହେବ ଆଃ ମୂ ଟ୧୨୦ ଙ୍କା

—

ନ ୧୦୪ନମ୍ବର ଡିଃଜାରୀ ସନ ୧୯୨୭ ମସିହା
କଟକ ପ୍ରଥମମୁନସଫ ଅଦାଲତ

ଭୋଲାନାଥ ନନ୍ଦ ଓଗେର ଡିଃ ମାନେ
ରଘାନନ୍ଦ କାନଗୋଇ ଓଗେର ଦେଃ ମାନେ

ଡିକ୍ରୀଓଗେର ଟଙ୍କା ଅଦାଏ ସକାଶେ ନିମ୍ନ ତପସିଲ ସମ୍ପତ୍ତି ତା ୧୫।୮।୨୭ରଖେ ନିଲାମହେବ

୧। ଜା କଟକ ପୁଃ ସଃ ଉଟକ ପ୍ରଃ କୋଠାଶଣ୍ଡ ନ ୧୦୩୪ ନମ୍ବର ତଃ ମୌଃ ନପଙ୍ଗ ସଦରଜମା ଟ୭ ଙ୍କା ମଧ୍ୟରୁ ନ ୧ ଲଃ ୪ ନମ୍ବର ପ୍ରତିବାଦୀ ମାନଙ୍କ ଦଖଲ ଜଃ ଟ୦୷୮୯୫ ସଦରଜମା ୧୩/୯୯୧୫

୨। ପ୍ରଃ କୋଠାଶଣ୍ଡ ତାଃ ଲଟୁଆ ନ ୯୯୦ ନମ୍ବର ତଃ ମୌଃ ଭୁମ୍ନେଇରେ ଥିବା ଲଃ ତାଯ୍ୟାପ୍ତି ନ ୨୦ ନମ୍ବର ଖାତା ବାଃ

୪୨—୪୧ ଡିଃ ରୁ ଜମ ଟ୪୷୩ ମଧ୍ୟରୁ ଜଃ ଟ୦୷୮୯୪ ୪୦-୫୫ରୁ ଜମା ଟ୦୷୭ ଆଃ ମୂ ଟ୨୦ ଙ୍କା

—

Digitized by srujanika@gmail.com

Split by PDF Splitter



ନ ୪୩୩ ନମ୍ବର ଯାରୀ ସନ ୧୯୨୭ ମସିହା
କେନ୍ଦ୍ରାପଡ଼ା ମୁଃ ମୁନସଫି ଅଦାଲତ
ଚନ୍ଦ୍ରାମଣି ଦାସ ବାଦୀ ଡିଃ
ମହେନ୍ଦ୍ର କୁମାର ଭଞ୍ଜଦେବ ମହାପାତ୍ର ଓଃ ଦେଃ
ଯରତନୀ ଟ ୨୩୨।/
ନିଲାମଦର୍ଶ ତାରିଖ ତା ୧୫ ୮ ୨୭ ରଖ
ତପସିଲ ନିଲାମି ସମ୍ପତ୍ତି

କଟକ ଜିଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ସବଡ଼ିଭିଜନ ଡେପୁଟୀମ୍ୟାଜେଷ୍ଟ୍ରେଟ ସବରେଜିଷ୍ଟ୍ରର ଓ ଉକ୍ତ ପୁଲିଶଇଲାକାର ପ୍ରଃ ହାଗମଣ୍ଡା ନ ୩୪୪ ନମ୍ବର ତୌଜି ମୌ ମଦନଟିଶି ରକବାରେ ଥିବା ହାଲ ବନ୍ଦୋବସ୍ତି ଦେଣଦାର ବଗାଦଙ୍କ ନାମରେ ନ ୧୭ ନମ୍ବର ଖାତା ନାଃ ଛିଗବାନ ଥାମି ୫୧—୫୭ ଡିଃ କୁ ଯମା ଟ ୧୨୪ ଓ ପାହି ୫୧୨—୨୦ ଡିଃ ଯମା ଟ ୩୨୨।/୧୨ ଏରୂପ ଥାଇ ପାଞ୍ଚ ଖସଡ଼ା ନମ୍ବର ମଧ୍ୟେ ୫୧୩—୬୭ ଡିଃରୁ ଟ ୩୪।/୩ ଅଟେ ଉକ୍ତ ଜମୀ ମଧ୍ୟରୁ ତପସିଲ ପରିଚୟ ଖସଡ଼ାମଧ୍ୟେ ୫୧୨—୯୧ ଡିଃ କୁ ଜମା ଟ ୩୦୩।/୨ ପାଡ଼ି ଅଟେ ଉକ୍ତ ଜମୀ ସବୁ ତଦନ୍ତର୍ଗତ ସକଳପ୍ରକାର ସ୍ୱତ୍ୱ ଉକ୍ତ ନମ୍ବର ମୋକଦମାରେ ନୀଲାମ ହେବ ତହିଁର ଆଃ ମୂଃ ୨୦୧ ଟଙ୍କା ଅଟେ ।

———

ନ ୪୩୮ ନମ୍ବର ଡିଃ ଜାରୀ ସନ ୧୯୨୭ ମସିହା
କେନ୍ଦ୍ରାପଡ଼ା ମୁନସଫି
ଚନ୍ଦ୍ରାମଣି ଦାସ ଡିଃ
ଅଦଜନ ବେହେରା ଓଗେର ଦେଃ ମାନେ

୧ । ଜିଃ କଟକ ପଟାମୁଣ୍ଡେଇ ଥାନା ଓ ସବରେଜେଷ୍ଟ୍ରର ଇଲାକାର ନ ୧୬୪୩ ନମ୍ବର ତୌଜି ତାଃ ଓରଫ ଗ୍ରାଃ ଅଠଗଣ୍ଡା ମୌଃ ଅନ୍ତର୍ଗତ ମନ୍ଦିରପି ମହାଦେବ ସବୁ ର ତହିଁର ଖୋଲଣଣ ଅଦାମୀ ଜମା ଟ ୩୫୧୯ ଟଙ୍କା ଅଟେ ତହିଁ ମଧ୍ୟରୁ ଦେଣଦାର ମାନଙ୍କର ଭାଃ ଟ ୦।/୩ କୁ ମଧ୍ୟେଟ ଅଦାଏ ଜମା ଟ ୧୭।/୧୦୫/୧୧ ମହାଦେବ ସବୁ ନଗଦ ସମ୍ପତ୍ତି ଅଟେ ନୀଲାମ ହେବ ଆଃ ମୂଃ ୨୦୦ ଟଙ୍କା ।

— —

ନ ୨୪୫ ନମ୍ବର ଜାରୀ ମକଦମା ସନ ୧୯୨୭ ମସିହା
କଟକ ମୁ ପ୍ରଥମ ମୁନସଫଙ୍କ ଅଦାଲତ
ଜନାର୍ଦ୍ଦନ ରଥ ଡିଃ
ଯଗୁନାଥ ରଥ ଦେଃ
ଉପରଲିଖିତ ନମ୍ବର ଡିକ୍ରୀଜାରୀ ମୋକଦମାରେ ତା ୧୫-୯-୨୭ ରେ ଦେଣଦାରଙ୍କର ନିମ୍ନଲିଖିତ ସମ୍ପତ୍ତିମାନ ନୀଲାମହେବ ।

୧ । ଜିଃ କଟକ ଥାନା ଓ ସବରେଃ ମୁଃ ଉତ୍ତରକୋଳ ପ୍ରଃ ଅଙ୍କଡ଼ା ନ ୨୫୨ ଥାନା ମୌଃ ମନ୍ତ୍ରିଲୋ ରକବାରେ ଥିବା ନ ୧୦୬୮୦ ନ ୧୦୬୦୮୯ । ନ୧୦୬୧୦୧ ନମ୍ବର ଜନରଲ ଓ ନ ୩୨୧୭୭ । ୨୫୨୪୦ ଓ ୩୫୩୬୧ ନମ୍ବର ଲାଃ ଉକ୍ତ ନ ୫୯ ନମ୍ବର ସିଲ ବାଃ ଦାଃ ଲାଃ ନଦେଲ ମୋଟ ୫୧—୮୫୬ ଡିଃ ମଧ୍ୟରୁ ପ୍ରଜାବାଦଙ୍କ ଭାଃ ଟ୦।/୮ କୁ ୫୦-୩୦୯୧ ଡିଃ

୨ । ମୌଃ ଏକନ ରେ ଥିବା ନ ୧୦୬୧୦୫ ନମ୍ବର ଜନରଲ ଓ ୨୫୩୮୫ ନମ୍ବର ଲାଃ ଉକ୍ତ ନ ୬୦ ନମ୍ବର ସିଲ ବାଃ ୫୦—୨୫୦ ଡିଃ ଲାଃ ବାଦେଲ ବୃତ୍ତି ମଧ୍ୟରୁ ପ୍ରଜାବାଦର ଭାଃ ଟ୦।/୪ କୁ ୫୦-୦୮୩୧ ଡିଃ ବୃତ୍ତି ଓ ତହିଁ ଉପରେ ଥିବା ବାଡ଼ି ଘରଦ୍ୱାର କବାଟ ଚଉକାଠ ଅଧ ସହିତ ଆଃ ମୂଃ ଟ ୨୦ ଟଙ୍କା ।

୩ । ମୌଃ ଏକନ ରେ ଥିବା ନ୧୦୬୧୮୨ ୧୦୬୧୦୫ ଓ ୧୦୬୦୬୩ ନମ୍ବର ଜନରଲ ଓ ୩୨୧୫୩ ଓ ୨୫୩୮୩ ଓ ୩୨୧୪୧ ନମ୍ବର ଲାଃ ଉକ୍ତ ୬୧ ନମ୍ବର ସିଲ ବାଃ ଦାଃ ଲାଃ ବାଦେଲ ବୃତ୍ତି ମୋଟ ୫୧-୫୫୫ ଡି ମଧ୍ୟରୁ ପ୍ରଜାବାଦର ଭାଃ ଟ୦।/୮ କୁ ୫୧--୩୭୨ ଡିଃ ବୃତ୍ତି ଓ ତହିଁରେ ଥିବା ବାଡ଼ିଘର ଘର ଗୋ ୧ ଟା କବାଟ ଚଉକାଠ ଅଧ ସହିତ ଓ ବୃକ୍ଷାଦି ମାନ ଆଃ ମୂଃ ୧୦୦ ଟଙ୍କା

୪ । ମୌଃ ଏକନରେ ଥିବା ନ୧୦୬୦୬୫ ୧୦୬୦୮୨ । ୧୦୬୦୯୭ । ୧୦୬୦୯୮ । ୧୦୬୦୯୯ ଓ ୧୦୬୦୬୯ ଓ ୧୦୬୦୧୦୫ ନମ୍ବର ଜନରଲ ଓ ନ ୩୧୯୬୪ । ୨୫୩୩ ଓ ୩୪୨୩୯ ନମ୍ବର ଲାଃ ଉକ୍ତ ନ ୭୩ ନମ୍ବର ସିଲ ବାଃ ଦୋରସ୍ତ ୫୧--୨୦୧ ଡିଃ ଦାଃ ଲାଃ ବାଦେଲ ବୃତ୍ତି ତହିଁରେ ଥିବା ବାଡ଼ିଘରଦ୍ୱାର ଗୋ ୩ ଟା କବାଟ ଚଉକାଠ ଅଧ ସହିତ ଅମ୍ବ ନଡ଼ିଆ ତାଳ ଓଗେର ବୃକ୍ଷାଦି ମାନ ଆଃ ମୂଲ୍ୟ ଟ ୧୦୦ ଟଙ୍କା ।
ପ୍ରକାଶିତ ପ୍ରଥମ ଲଟ ଭାଃ ଜମି ଓ ତହିଁଉପରେଥିବା ଅମ୍ବ ନଡ଼ିଆ ଓଗେର ବୃକ୍ଷାଦି ସହିତ ଆଃ ମୂଃ ଟ ୫୦ ଟଙ୍କା ।

——

ନ ୨୧୮ ନମ୍ବର ଜାରୀ ସନ ୧୯୨୭ ମସିହା
ହରେକୃଷ୍ଣ ପାତ୍ର ସାଃ ରଘୁନାଥପୁର ଡିଃ
କୋଦଣ୍ଡ ଡିଃ
ନଧି ପାତ୍ର ଓଗେର ଦେଃମାନେ

ଏ ମୋକଦମାରେ ଡିକ୍ରୀଦାରଙ୍କର ପାଉଣା ଜରତନ୍ଧୀ ଓଗେର ଟଙ୍କା ଆଦାୟ ଅର୍ଥେ ଦେଣଦାରଙ୍କର ନିମ୍ନଲିଖିତ ସମ୍ପତ୍ତି ତା ୧୫-୮।୨୭ ରଖ ଦ[illegible] ସ ୧୨ ଘଣ୍ଟା ସମୟ ନୀଲାମ ହେବ ।

୧ । କଟକ ଜିଲା ଅନ୍ତର୍ଗତ ପୁଲିଶଷ୍ଟେସନ ସବରେଜେଷ୍ଟ୍ରର ମୁଃ କଟକ ସଦର ଇଲାକାର ପ୍ରଃ କୋଦଣ୍ଡ ନ ୧୯୩୮ ନମ୍ବର ତୌଃ ଉକ୍ତ ତାଃ ଜଗନ୍ନାଥ ଦେହୁରି ଓଗେର ଜମିଦାରି ମାହାଲ ମଧ୍ୟୋଟ ସଦର ଜମା ଟ ୧୦୧ ମଧ୍ୟରୁ ଧାନକର ସ୍ୱତ୍ୱ ଓଗେରଙ୍କ ଭାଃ ତାଲୁକ ଜମୋଟରେ ଭାଃ ଟ ୦୫/୧୧[illegible]୭୪ କୁ ମଧ୍ୟୋଟ ସଦର ଜମା [illegible] ବାଦ ବାକି ନ ୧ ନମ୍ବର ପ୍ରଜାବାଦୀ [illegible] ସାମିଲ ମଧ୍ୟ ପ୍ରାପ୍ତ ଓଗେରଙ୍କ ଭାଃ ଟ ୦।/୦୩ କୁ ମଧ୍ୟେଟ ସଦର ଜମା ଟ ୩୭୪।/୪୩ କୁ ତାଲୁକ ଜମୋଟରେ ନ ୧ ନମ୍ବର ପ୍ରଜାବାଦର ବଖରା ଭାଃ ଟ ୦।/୨୯ ୮୪।/୮ ଗଣ୍ଡାରୁ ମଧ୍ୟୋଟ ସଦର ଜମା ଟ୭୩।/୭ ପାଡ଼ି ମୁଃ ଜିଃ ଯାହା ମହଲା ଜମୋଟରେ ଜଗନ୍ନାଥ ଦେହୁରି ମହଲାରୁ ଭିଃ ଟ ୦।/ ଅଂଶ ତଦନୁଯାୟୀ ନିଜସ୍ୱତ୍ୱ ନିଜଯୋତ ଓଗେର ସର୍ବ ପ୍ରକାର ସହ ନୀଲାମ ହେବ ଆଃ ମୂଲ୍ୟ ଟ୨୦୦

୨ । କଟକ ଜିଲା ଅନ୍ତର୍ଗତ ପୁଲିଶଷ୍ଟେସନ ଓ ସବରେଃ ମୁଃ କଟକ ସଦର ଇଲାକାର ପ୍ରଃ କୋଦଣ୍ଡ ନ ୨୪୩ ନମ୍ବର ତୌଃ ଉକ୍ତ ଜମିଦାରି କଇଦ ଭାଃ ମୌଃ ରଘୁନାଥପୁର ଓଗେର ମାହାଲର ମଧ୍ୟୋଟ ସଦର ଜମା ଟ ୮୨ ଟଙ୍କା ମଧ୍ୟରୁ ଅନ୍ୟ ସରକାରଦାର ମଧ୍ୟ ପ୍ରାପ୍ତ ଓଗେରଙ୍କ ଭାଃ ଟ ୦।/୨(୧୩ କୁ ମଧ୍ୟେଟ ସଦର ଜମା ଟ ୮୧୩/ ବାଦ୍ ଅବଶିଷ୍ଟ ନ ୧ ନମ୍ବର ପ୍ରଜାବାଦର ନିଜ ଦଖଲ ଭାଃ ଟ ୦ ୧୧ (୭୫ ଗଣ୍ଡାରୁ ମଧ୍ୟେଟ ସଦର ଜମା ଟ ୪।/ ଅଟେ ତାହା ଓ ତଦନ୍ତର୍ଗତ ନିଜଯୋତ ଓ ନିଜସ୍ୱତ୍ୱ ଆଦାୟ ଅନ୍ୟ ବାକି ସର୍ବପ୍ରକାର ସତ୍ତ୍ୱଲାଭ ସହିତ ନୀଲାମ ହେବ ।

—*—

Digitized by srujanika@gmail.com

REGISTERED No. D. 6.

311

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା
The Utkal Dipika

ସମ୍ପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

ବାର୍ଷିକ ମୂଲ୍ୟ ଅଗ୍ରିମ ଟ ୩୮
ପ୍ରତିଖଣ୍ଡ ଟ ୦୯୯

ଭାଗ ୬୨

Cuttack, Saturday the 20th August 1927
ଭାଦ୍ର ୫ ନ ସନ ୧୩୩୪ ସାଲ ଶନିବାର

୩୪ ଶ ସଂଖ୍ୟା

## ଖଦଡ଼ ସମ୍ବାଦ

( ଉତ୍କଳ ଖଦୀବିଭାଗ ଅଫିସରୁ ପ୍ରାପ୍ତ )

ପୁରୀ ସହରରେ ଖଦଡ଼ ପ୍ରଚାର—ପୁରୀ ଉତ୍କଳର ପ୍ରଧାନତମ ତୀର୍ଥସ୍ଥାନ । ପୁରୀ ସହରରେ ଖଦଡ଼ର ବହୁଳ ପ୍ରଚାର କରିବା ଉଦ୍ଦେଶ୍ୟରେ ଶ୍ରୀଯୁକ୍ତ କୃପାସିନ୍ଧୁ ହୋତା ଉତ୍କଳ ଖଦୀବିଭାଗରେ ଯୋଗ ଦେଇଅଛନ୍ତି । ବିଗତ ଗୁଣ୍ଡିଚା ଯାତ୍ରାରେ ରଥର ପ୍ରଧାନ ଅଂଶଗୁଡ଼ିକ ବିଭିନ୍ନ ରଙ୍ଗର ଖଦଡ଼ରେ ମଣ୍ଡିତ ହୋଇଥିଲା । ହୋତା ମହାଶୟ ଇତିମଧ୍ୟରେ ପୁରୀ ମଙ୍ଗୁ ମଠ ମହନ୍ତ ମହାରାଜଙ୍କ ଶୁଭ ଇଚ୍ଛାରେ ପ୍ରାୟ ଟ ୬୫୦ ଟଙ୍କାର ଖଦଡ଼ ଲଗାଇ ପାରିଛନ୍ତି । ପୁରୀର ମଠ, ଦେବାଳୟ ଏବଂ ଅନ୍ୟାନ୍ୟ ତୀର୍ଥ ସ୍ଥାନମାନଙ୍କରେ ଖଦଡ଼ ବ୍ୟବହାର କରାଯାଇ ପାରିଲେ ତୀର୍ଥ ଯାତ୍ରୀଙ୍କ ପ୍ରତି ଏକ ମହାନ୍ ଆଦର୍ଶ ହେବ । ଦେବାଳୟ ମଧ୍ୟରେ ଚନ୍ଦୁଆ ପାଇଁ ଇତିମଧ୍ୟରେ ଜଣେ ମହନ୍ତ କେବଳ ଖଦଡ଼ ବ୍ୟବହାର କରୁଛନ୍ତି । ଏବର୍ଷ ପୁରୀର ଏକ ହୋମରେ ଖଦଡ଼ଛଡ଼ା ଆଉ କିଛି ବ୍ୟବହାର କରାଯାଇ ନାହିଁ । ପୁରୀର ରାଜାସାହେବ ଏବଂ ମନ୍ଦିରର ମ୍ୟାନେଜର ମହୋଦୟ ଏହି କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରିବା ଲାଗି ଆମ୍ଭେମାନେ ସାଦର ଆହ୍ୱାନ କରୁଅଛୁଁ ।

### ବ୍ରହ୍ମପୁରରେ ତିଳକ ସପ୍ତାହ

ଅଗଷ୍ଟ ପହିଲାରେ ଲୋକମାନ୍ୟ ତିଳକଙ୍କ ଶ୍ରାଦ୍ଧ ଦିବସ । ସେହି ଦିନ ଅବଧି ଏକ ସପ୍ତାହ ବ୍ରହ୍ମପୁରରେ ଖଦଡ଼ ହକିଙ୍ଗ ଦ୍ୱାରା ଘରେ ଘରେ ବୁଲି ବିକିବା ବ୍ୟବସ୍ଥା କରାଯାଇଥିଲା । ବର୍ଷା ଯୋଗେ ଅନେକ ଦିନ ହକିଙ୍ଗ ବନ୍ଦ କରିବାକୁ ପଡ଼ିଥିଲା, ମୋଟ ବିକ୍ରି ହୋଇଛି— ଟ ୮୭୩୧/୧୧ । ଏହି ହକିଙ୍ଗ ଅତ୍ୟନ୍ତ ଆନନ୍ଦପ୍ରଦ ହୋଇଥିଲା । ଯେଉଁମାନେ ଖଦଡ଼ କେବେ ପରିଧାନ କରୁନଥିଲେ, ସେମାନେ ଏ ସୁଯୋଗରେ ଖଦଡ଼ ଖରିଦ କରିଛନ୍ତି । ଏଥର ସାହେବମାନଙ୍କ ମଧ୍ୟରେ ଖଦଡ଼ ବିକ୍ରୀ କରାଯାଇଥିଲା । କଞ୍ଚା ସର୍କଲ ଏବଂ ବ୍ରହ୍ମପୁର ସବ୍ କଲେକ୍ଟର ଖଦଡ଼ କ୍ରେତାମାନଙ୍କ ମଧ୍ୟରେ ଅନ୍ୟତମ । ପୂର୍ବରୁ ଆୟୋଜନ କିଛି ହୋଇଥିଲେ ବିକ୍ରୀ ପରିମାଣ ଅନ୍ତତଃ ଦୁଇଗୁଣ ହୋଇଥାନ୍ତା ।

### ସୂତା ଓ ଖଦଡ଼ ଉତ୍ପନ୍ନ କାର୍ଯ୍ୟ ।

ଜୁଲାଇ ମାସରେ ଉତ୍କଳ ଖଦୀବିଭାଗ ୩୫ ମହଣ ୨ ସେର ସୂତା କଟାଇ ପାରିଛି । ଏହାଛଡ଼ା ୨୨ ମହଣ ସୂତା ବାହାରରୁ ଖରିଦ ହୋଇ ପାରିଛି । ଖଦଡ଼ ବୁଣା ହୋଇଛି ୩୯ ମହଣ ୨୨ ସେର । ରେଲ ରାସ୍ତା ଖରାପ ହୋଇଥିବା ଯୋଗୁଁ ତୁଳା ଯୋଗାଇବାରେ ବାଧା ହେବା ସମ୍ଭବ, କିନ୍ତୁ ଖଦଡ଼ ଉତ୍ପନ୍ନ କାର୍ଯ୍ୟ ଶୀଘ୍ର ବଢ଼ିବ ଏହା ସବୁ ଲକ୍ଷଣରୁ ଜଣାଯାଉଛି ।

—*—

## ଖଦଡ଼ ହକିଙ୍କ ପାଇଁ ବିଶେଷ ସୁବିଧା

କର୍ମୀ ଆବଶ୍ୟକ ।

ସହର ଓ ମଫସଲରେ ଖଦଡ଼ ବୁଲି ବିକ୍ରି କରିବା ପାଇଁ ନୂତନ ଆୟୋଜନ ହୋଇଅଛି ।

୧ । ସହରରେ ବୁଲି ବିକ୍ରି କଲେ ଟଙ୍କାରେ ଚାରିପଇସା ପାରିଶ୍ରମିକ ପାଇବେ ।

୨ । ମଫସଲରେ ବୁଲି ବିକ୍ରି କଲେ ପ୍ରଥମେ ଏକଶହ ଟଙ୍କାରେ ପନ୍ଦରଟଙ୍କା ପାରିଶ୍ରମିକ ପାଇବେ । ଅଧିକା ଯାହା ବିକ୍ରି ହେବ, ସେଥି ଉପରେ ଟଙ୍କାରେ ଚାରି ପଇସା ପାଇବେ । ୫୦୦୦ରୁ କମ୍ ଲୋକ ସଂଖ୍ୟା ଥିବା ସ୍ଥାନ ମଫସଲ ବୋଲି ବିବେଚିତ ହେବ ।

୩ । ସହର ହକର ହେଉନ୍ତୁ ବା ମଫସଲର ହକର ହେଉନ୍ତୁ ପ୍ରତିଥର ନେବା ଖଦଡ଼ର ମୂଲ୍ୟ ନଗଦ ଆକାରରେ ଡିପୋଜିଟ୍ ରଖିବାକୁ ହେବ । ଅବଶ୍ୟ ବିକ୍ରି ନ ହେବା ଖଦଡ଼ ଫେରାଇ ପାରନ୍ତି ।

୪ । ପ୍ରତ୍ୟେକ ହକର ମାସରେ ଅନ୍ତତଃ ଏକ ଶହ ଟଙ୍କା ବିକ୍ରି ନ କଲେ ପାରିଶ୍ରମିକ ପାଇବେନାହିଁ ।

ଉତ୍କଳ ଖଦୀବିଭାଗର ଚାରିଗୋଟି ଭଣ୍ଡାର ଅଛି । ପୁରୀ, କଟକ, ବାଲେଶ୍ୱର ଓ ବ୍ରହ୍ମପୁର । ଯେଉଁମାନେ ହକର ହେବେ, ଯେ କୌଣସି ଭଣ୍ଡାର ସହିତ କାରବାର କରିପାରନ୍ତି । ଅନ୍ୟାନ୍ୟ ନିୟମାବଳୀ ସକାଶେ ପତ୍ର ଲେଖନ୍ତୁ ।

ଉତ୍କଳର ବିଭିନ୍ନ ସ୍ଥାନରେ ଉତ୍ସାହୀ ଯୁବକମାନେ ଏ ସୁବିଧାରେ ଖଦଡ଼ ପ୍ରଚାର କାର୍ଯ୍ୟରେ ନିଜକୁ ଲଗାଇପାରିଲେ ଭଲ ହେବ । ଯେଉଁମାନଙ୍କର ପାରିଶ୍ରମିକ ଦରକାର ନାହିଁ, ସେମାନଙ୍କ ପ୍ରତି ମଧ୍ୟ ଉପର ଲିଖିତ ନିୟମଗୁଡ଼ିକ ପ୍ରଯୁଜ୍ୟ । ଇତି ।

ଶ୍ରୀନିବାସ ପାଣିଗ୍ରାହୀ
ସଂ, ନିଃ ଭାଃ ଚଃ ସଂଘର—ଉତ୍କଳବିଭାଗ

—୦—

## କଟକରେ ବିସୂଚିକା

ବିସୂଚିକାର ଉପଦ୍ରବ ନିବାରଣ ଉଦ୍ଦେଶ୍ୟରେ ମ୍ୟୁନିସିପାଲିଟି ନାନାପ୍ରକାର ଚେଷ୍ଟା କରୁଅଛନ୍ତି । ଗଭର୍ଣ୍ଣମେଣ୍ଟଙ୍କୁ ଟେଲିଗ୍ରାଫ କରି ଆଉ ଜଣେ ଡାକ୍ତର ଅଣାଇ ଅଛନ୍ତି । ୨୫୦୦ ଲୋକଙ୍କୁ ବିସୂଚିକା ନିବାରକ ଟିକା ଦିଆଯାଇଅଛି ଓ ଆହୁରି ମଧ୍ୟ ଦିଆଯାଉଅଛି । ମ୍ୟୁନିସିପାଲିଟିର କୂପଗୁଡ଼ିକ ପୂର୍ବେ ଶୋଧନ କରାଯାଇଥିଲା । ବର୍ତ୍ତମାନ ଗୃହସ୍ଥମାନଙ୍କର କୂପ ମଧ୍ୟ ଶୋଧନ କରାଯାଉଅଛି । ଅନେକ ଗୁଡ଼ିଏ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପ୍ରାଚୀନ ରହିବାଘର ବନ୍ଦ କରି ଦିଆଯାଇଅଛି । କେତେକ ଦୋକାନର ଅସ୍ୱାସ୍ଥ୍ୟକର ଖାଦ୍ୟଦ୍ରବ୍ୟ ନଷ୍ଟ କରାଯାଇଅଛି । ନଈର ଜଳ ସିଦ୍ଧ ନକରି ବ୍ୟବହାର କରିବା ଉଚିତ ନୁହେଁ, ଏହା ବୁଝାଇ ଦିଆଯାଇଅଛି । ମାଛିମାନେ କିରୂପେ ବିସୂଚିକା ବିସ୍ତାର କରନ୍ତି ମ୍ୟାଜିକ୍ ଲଣ୍ଠନ ଦ୍ୱାରା ଲୋକମାନଙ୍କୁ ତାହା ବୁଝାଇ ଦିଆଯାଉଅଛି । ଏହିସବୁ ଚେଷ୍ଟା ବିଫଳ ହୋଇନାହିଁ । ରୋଗର ଉପଦ୍ରବ ହ୍ରାସ ହୋଇଅଛି । ଏସପ୍ତାହରେ ଦଶଜଣ ମାତ୍ର ଆକ୍ରାନ୍ତ ହୋଇଅଛନ୍ତି ଓ ପାଞ୍ଚଜଣଙ୍କର ମୃତ୍ୟୁ ହୋଇଅଛି । ରୋଗର ଉପଦ୍ରବ ବୃଦ୍ଧି ହେବାର ଦେଖି କାଠଯୋଡ଼ି କୂଳରେ ଗୋଟାଏ କଲେରା ହସପିଟାଲ କିଛିଦିନ ପାଇଁ ଖୋଲିବା ନିମନ୍ତେ ସିଭିଲ ସର୍ଜନ ପ୍ରସ୍ତାବ କରିଥିଲେ, ତାହା ଆବଶ୍ୟକ ହେବନାହିଁ । କିନ୍ତୁ ସହର ମଧ୍ୟରେ ଯେତେ ବଣବୁଦା ଓ ଆବର୍ଜନା ରହିଅଛି ତାହାସବୁ ପରିଷ୍କାର ନହେବା ପର୍ଯ୍ୟନ୍ତ ସହର ନିରାପଦ ହେବନାହିଁ । ଅନେକ ପାଇଖାନା ଓ ନର୍ଦ୍ଦମାର ଅବସ୍ଥା ଅତି କଦର୍ଯ୍ୟ । ତାହାସବୁ ସେ ଅବସ୍ଥାରେ ଆଉ ରଖାଯାଇ ପାରିବ ନାହିଁ । ବଜାରରେ ଅନେକ ଗୁଡ଼ିଏ ଯାହା ବିକ୍ରୟ କରନ୍ତି ତାହା ସ୍ୱାସ୍ଥ୍ୟପକ୍ଷରେ ଅତ୍ୟନ୍ତ ଅନିଷ୍ଟକର । ଯାହା ଘୃତବୋଲି କେତେଲୋକ ବିକ୍ରୟ କରନ୍ତି ତାହା ବାସ୍ତବିକ ଘୃତ ନୁହେଁ । ପରୀକ୍ଷାଦ୍ୱାରା ଜଣାଯାଇଅଛି ଯେ "ବନସ୍ପତି ଘୃତ" ଘୃତ ନୁହେ । ତାହା ହଲଣ୍ଡ ଦେଶର କୌଣସି ପଦାର୍ଥରୁ ପ୍ରସ୍ତୁତ । ତାହା ଘୃତପରି ବଳକାରକ ନୁହେ । ଜଣେ ଡାକ୍ତର ଏକ ବିରାଡ଼ିକୁ ତାହା ଖୁଆଇ ଦେଖିଲେ ଯେ କିଛିଦିନ ପରେ ବିରାଡ଼ିର ଓଜନ କମିଗଲା । ସର୍ବସାଧାରଣ ସାବଧାନହୋଇ ଖାଦ୍ୟଦ୍ରବ୍ୟ କିଣିଲେ ଉଚିତହେବ ।

ଶ୍ରୀକୃଷ୍ଣ ମହାପାତ୍ର
ଚେୟାରମ୍ୟାନ, ମ୍ୟୁନିସିପାଲିଟି
କଟକ

——

## ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କ ନାମରେ ମୋକଦ୍ଦମା

ତେଲିଙ୍ଗାବଜାରନିବାସୀ ଯଦୁ ବେହେରା ନାମକ ଜଣେ ରାଜମିସ୍ତ୍ରି କଟକ ମ୍ୟୁନିସିପାଲିଟିର ଚେୟାରମ୍ୟାନ ଓ ଟିକସ ଦାରୋଗା ପ୍ରଭୃତିଙ୍କ ନାମରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏକ ଫୌଜଦାରୀ ମୋକଦ୍ଦମା ଦାଏର କରିଥିଲା । ଉକ୍ତ ମୋକଦ୍ଦମା ମିଥ୍ୟା ବୋଲି ସାବ୍ୟସ୍ତ ହେବାରୁ ତାହା ନାମରେ ୨୧୧ ଦଫା ଅନୁସାରେ ସରକାର ତରଫରୁ ମୋକଦ୍ଦମା ଦାଏର ହୋଇଥିଲା । ଉକ୍ତ ମକଦ୍ଦମାର ବିଚାର ସମୟରେ ଯଦୁ ବେହେରା ଦରଖାସ୍ତ ଦେଲା, ସେ ମୂର୍ଖଲୋକ ଥିବାରୁ କେତେକ ଜଣ ଲୋକଙ୍କ କୁପରାମର୍ଶରେ ମିଥ୍ୟା ମୋକଦ୍ଦମା କରିଥିଲା । ବିଚାରକର୍ତ୍ତା ତାକୁ ତିନମାସ କଏଦ ଦଣ୍ଡ ଦେଲେ ।

## ବନ୍ୟା ସମ୍ବନ୍ଧେ ସରକାରୀ ଇସ୍ତାହାର

ସମ୍ବାଦ ଆଦି ଆଦାନ ପ୍ରଦାନର ବିଶେଷ ଅସୁବିଧା ହେତୁରୁ ଓଡ଼ିଶାରେ ବନ୍ୟାଦ୍ୱାରା କିପରି କ୍ଷତି ହୋଇଅଛି ତହିଁର ସବିସ୍ତୃତ ବିବରଣ ପାଇବା କଷ୍ଟକର ହୋଇଥିଲା । ଯାହା ହେଉ ବର୍ତ୍ତମାନ ଆହୁରି ସମ୍ବାଦ ମିଳିଛି । ଗଭର୍ଣ୍ଣମେଣ୍ଟ ଯେଉଁ ସମ୍ବାଦ ପାଇଅଛନ୍ତି ତହିଁରୁ ଜଣାଯାଏ ଯେ ଯେତେ ନଷ୍ଟ ହୋଇଥିବାର ପ୍ରଥମେ ଅନୁମାନ କରାଯାଇଥିଲା ତଦପେକ୍ଷା କଟକ ଓ ବାଲେଶ୍ୱର ଜିଲ୍ଲାରେ ବହୁତ ନଷ୍ଟ ହୋଇଅଛି । ବାଲେଶ୍ୱରଜିଲ୍ଲାର ଭଦ୍ରକ ଓ ଧାମନଗର ଥାନାର ସବୁଠାରୁ ବେଶୀ ନଷ୍ଟ ହୋଇ ଯାଇଅଛି । ଏହି ଦୁଇଥାନାର କେତେକ ଅଂଶରେ ବାରଅଣାରୁ ବେଶୀ ଫସଲ ନଷ୍ଟ ହୋଇଥିବାର ସମ୍ବାଦ ମିଳେ । ଜିଲ୍ଲାର ଉତ୍ତର ଦିଗରେ ରେଳରାଇନ ଓ କୋଷ୍ଟ କେନାଲ ଭାଙ୍ଗିବାରୁ ମଧ୍ୟବର୍ତ୍ତୀ ଘରସବୁ ଅନେକ ପରିମାଣରେ ନଷ୍ଟ ହୋଇଅଛି । ବନ୍ୟା ସେଠାରୁ ମେଦିନୀପୁର ଜିଲ୍ଲାର କଣ୍ଟାଇ ସବଡିଭିଜନକୁ ବିସ୍ତୃତି ଲାଭ କରିଥିଲା । ଗୋରୁ ଗାଈ କେତେ ନଷ୍ଟ ହୋଇଅଛନ୍ତି ତାହାର ସଠିକ ସମ୍ବାଦ ମିଳିବାକୁ ଆହୁରି କିଛିଦିନ ଡେରିହେବ । ଫସଲ କେତେ ନଷ୍ଟ ହୋଇଅଛି ତାହା ମଧ୍ୟ ଅନିଶ୍ଚିତ । ଏପର୍ଯ୍ୟନ୍ତ ବନ୍ୟା ହେବା ଦିନଠାରୁ ଭଦ୍ରକ ଥାନାରୁ ୨୦ଜଣ ଲୋକ ହଜିଥିବାର ଏବଂ କଟକ ଜିଲ୍ଲାର ୩ଜଣ ଲୋକ ମରିଥିବାର ସମ୍ବାଦ ମିଳେ । ଭଦ୍ରକ ଓ ଆଗରପଡ଼ା ମଧ୍ୟରେ ଓଡ଼ିଶା ଟ୍ରଙ୍କ ରୋଡର ବିଶେଷ କ୍ଷତି ହୋଇଅଛି । ଏହାକୁ ଗାଡ଼ି ଯିବା ଆସିବାର ଉପଯୋଗୀ କରିବାପାଇଁ ପ୍ରାୟ ଏକମାସ ଲାଗିବ ।

Split by PDF Splitter

Digitized by srujanika@gmail.com

No. 3.

# FOR SALE

## Ford Car, Lorries, and Bus.

EASY GOING AND CHEAP RUNNING.

Calcutta Price Plus Freight.

FORD SALES AND SERVICE



## New Model Ford Cars

are very Comfortable and grand looking-Always in Stock.

SOLE DEALERS.

## F. H. BILIMORIA & Co.

MISSION ROAD, CUTTACK.

OPPOSITE NEW CANTONMENT MARKET

DEALERS IN,—Stationery Provisions and Wine, Fancy Goods, Sporting materials, Crockery, Cutlery Alumunium, Enamel ware and Household goods. Motor Tyres, Tubes and Accessories -Agents for "Shell" Petrol and "Shell" Lubricating Oil. Furniture making by order

*TELLGRMS—BILIMORIA, CUTTACK*

*BEST OFFICE GHARY OR PALKI GAHRY FOR SALE*

*Price moderate*

*Deal with Bilimoria and be satisfied.*

## ମଟର ଖରିଦର ସୁବିଧା

ଫୋର୍ଡ କାର,ଏବଂ ଲରି, ଏବଂ ବସ୍ ଯେଉଁ ଲରି ଓ ବୋଝ ରାସ୍ତା ଖରାପ ହେଉଥିବା ଜାଗା ଅଛନ୍ତି ତାହା ପରିବର୍ତ୍ତେ ବସ୍ ଚଳିଲେ ରାସ୍ତା ଖରାପର ଭୟ ନାହିଁ। ଏକ ବସ୍‌ରେ ୮ ଠାରୁ ୧୦ ଜଣ ପର୍ଯ୍ୟନ୍ତ ଲୋକ ବସିପାରିବେ । ଉପରୋକ୍ତ ଜିନିଷ ଅନ୍ୟାନ୍ୟ ଜିନିଷମାନ ନିମ୍ନ ଠିକଣାରେ ଅତି ସୁଲଭମୂଲ୍ୟରେ ମିଳିପାରେ । କୌଣସି ପ୍ରକାରର ପ୍ରତାରଣାର ଭୟନାହିଁ ।

ଏଫ୍ ଏଚ୍ ବିଲମୋରିଆ ଏଣ୍ଡ କୋଃ

ମିସନରୋଡ, କଟକ

ମୂଲ୍ୟ କଲିକତା ଦାମ ଏବଂ ରେଲଓ୍ୱେ ମାସୁଲ


129 **Imperial Bank of India** 31-12-27

Bankers to the Government of India.

| | |
|---|---|
| Authorised Capital | Rs. 11,25,00,000 |
| Paid up Capital | Rs. 5,62,50,000 |
| Reserve Fund | Rs. 4,92,50,000 |
| Reserve Liability of Shareholders | Rs. 5,62,50,000 |

Branches in all principal Towns of India, Burma and Ceylon. Current Accounts opened free of charge. Fixed Deposits received at 3% P. A. interest. Savings Bank. Small sums received at interest ;— PRESENT RATE 3 P. A.

GOVERNMENT AND OTHER SECURITIES received for safe custody. Purchases and sales effected. Interest and dividends collected and credited to account or remitted according to instructions.

DRAFTS AND TELEGRAPHIC TRANSFERS issued.

LOANS granted on approved security and all general banking business transacted.

Rates and rules on application to the Officer-in-charge

CUTTACK BRANCH,

Situated Collectorate Buildings.


ନ ୩୫୭ ମ୍ବର

## ନୋଟିସ

୨୩-୮-୨୭

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଏହି ନୟାଗଡ଼ ଷ୍ଟେଟ ଜଙ୍ଗଲ ଇଲାକାର ନିମ୍ନଲିଖିତ କୂପମାନ ଓ ବନ୍ୟଜାତ ଦ୍ରବ୍ୟମାନ ସନ ୧୯୨୭-୨୮ ମସିହା ର ୧ ବର୍ଷ ସକାଶେ ଆସନ୍ତା ସେପ୍ଟେମ୍ବର ମାସ ତା ୧୩ ଦିନରେ ଷ୍ଟେଟର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ଇଜଲାସରେ ପ୍ରକାଶ୍ୟ ନିଲାମ ଦ୍ୱାରା ବନ୍ଦୋବସ୍ତ କରାଯିବ । ଠିକାଦାରମାନେ ନିଜେ କିମ୍ବା ସେମାନଙ୍କ ମନୋନୀତ ଏଜେଣ୍ଟଙ୍କ ଦ୍ୱାରା ଉକ୍ତ ତାରିଖରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ । ଯାହାଙ୍କର ଡାକ ସର୍ବୋଚ୍ଚ ହେବ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ଖତମ କରାଯିବ । ତାହାଙ୍କୁ ଉକ୍ତ ତାରିଖରେ ନିଲାମ ଜରିମାନା ବାବଦକୁ ଏକ ଚତୁର୍ଥାଂଶ ଅଗ୍ରୀମ ଡିପୋଜିଟ କରିବାକୁ ହେବ । ନିଲାମ ସମ୍ବନ୍ଧରେ ଅନ୍ୟାନ୍ୟ ବିଷୟ ବୁଝିବାକୁ ଇଚ୍ଛା କଲେ ଷ୍ଟେଟ ଫରେଷ୍ଟ ଅଫିସରଙ୍କ ନିକଟରେ ଉପସ୍ଥିତ ହୋଇ ବୁଝିଲେ ବୁଝିପାରିବେ । ନିଲାମ ଡାକିବା ପୂର୍ବରୁ ଖରିଦଦାରମାନେ ନିଜେ ଆସି କୂପ ଦେଖି ପାରିବେ । ଇତି ।

ତଫସିଲ

| | | |
|---|---|---|
| ୧ ପୂର୍ବ ହାଡମୁଣ୍ଡା | ନ ୩ ମ୍ବର କୂପ | ଏ୧୩୨—୦୦ କର |
| ୨ ପଶ୍ଚିମ ହାଡମୁଣ୍ଡା | ନ ୨ ମ୍ବର " | ଏ୫୦—୦୦ କର |
| ୩ ଖଡିଆ ଡମସାହି | ନ ୨ ମ୍ବର " | ଏ୨୨—୦୦ କର |
| ୪ ବାହାଡ଼ା ଖୋଲ | ନ ୩ ମ୍ବର " | ଏ୪୨—୦୦ କର |
| ୫ କାଲି ଶିଂଶା | ନ ୨ ମ୍ବର " | ୮୩୪—୦୦ କର |
| ୬ ପଶ୍ଚିମ ଗୋଛ | ନ ୩ ମ୍ବର " | ଏ୯୦—୦୦ କର |
| ୭ ପଥର ଗଣ୍ଡ | ନ ୩ ମ୍ବର " | ୯୫୪—୦୦ କର |
| ୮ ନାରଖାଲ ଅନମଡ ଜଙ୍ଗଲ | | ଏ୧୫୨—୦୦ କର |
| ୯ ଗୋଛ ପୂର୍ବତରଫ କୂପ | | ଏ୬୫—୦୦ |

ବନ୍ୟଜାତ ଦ୍ରବ୍ୟ

| ସନ ୧୯୨୭-୨୮ ମସିହା ସକାଶେ | ସନ ୧୯୨୮-୨୯-ମସିହା ସକାଶେ |
|---|---|
| ୧ କମଳା ଗୁଣ୍ଡି | ୧ ହରଡ଼ା, ବାହାଡା, ଅଁଳା |
| ୨ ସୁନାରିଛେଲି | ୨ ଲେଞ୍ଜି |
| ୩ ହାଡ଼ | ୩ କୁସୁମ |
| ୪ ମହୁ, ମହମ | ୪ ଟୋଲ |
| ୫ ଫୁଲଝାଡ଼ୁଣୀ | ୫ କୋଚଲ |
| ୬ ଟିଲ | ୬ ଶିମିଳିତୁଳା |
| ୭ ବାଘୁଲ | ୭ ଅନନ୍ତମୂଳ |
| | ୮ କାମ୍ମଞ୍ଜି |

Sd. A. S. Khan,
Superintendent
Nayagarh State.

359 WANTED. 20.8.27

One permanent passed accounts clerk in the grade of Rs. 70-5-95 for the office of the Executive Engineer 1st Division, Public Health Department Patna.

Qualificitions required :—Must have passed the Divisional Accounts Examination with Previous experience of accounts work in a divisional office.

Applications should be in the candidate's own handwriting and be made to the Superintending Engineer, Public Health Department Bihar and Orissa, Patna, on or before the 25th August 1927.

Preference will be given to natives of, and man domiciled in, the province of Bihar and Orissa. No candidate will be regarded as domiciled unless he produces a certificate to the effect from the District Magistrate of the district in which he claims to be domiciled. Candidates should state their present age. Copies of testimonials, which will not be returned should accompany the applications.

Dated Patna

Sd. T. S. Soorma,
Offg.-Superintending Engineer,
Public Health Department
Bihar and Orissa.

358 27. 8. 27

Wanted a Tasildar for the Rairakhol State on a pay of Rupees Sixty only with free quarters. Knowledge of the Oriya language and judicial work preferred. Apply to Raja and Ruling Chief of Rairakhol State. P. O. Rairakhol via Sambalpur.

Raja and Ruling Chief,
Rairakhol State.
P. O. Rairakhol
via Sambalpur.

365 WANTED 20-8-27

A pandit in the Vernacular Teachers Service on Rs. 30-1-50 a month for the middle vernacular School for girls at Rampella in the district of Sambalpur. Applications with testimonials should be sent by the 23rd August to the Assistant Inspectress of Schools at Balasore.

Candidates must be middle vernacular passed and trained. Only those who are natives or domiciled in the province need apply.

Patna,
The 4th August, 1927.

E. Dawson.
Deputy Directress of Public Instruction
Bihar and Orissa.

Digitized by srujanika@gmail.com

Split by PDF Splitter



REGISTERED No. D. 6.

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା
The Utkal Dipika

ସମ୍ପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

ବାର୍ଷିକ ମୂଲ୍ୟ ଅଗ୍ରୀମ ଟ ୩।୯
ପ୍ରତିଖଣ୍ଡ ଟ ୦।୯

ଭ ୬୨ ଗ

Cuttack, Saturday the 27th August 1927
ଭାଦ୍ର ୭ ୧୨ ଜ ୟଳ ୧୩୩୪ ସାଲ ଶନିବାର

୩୫ ଶ ସଂଖ୍ୟା

କଟକ ଜିଲ୍ଲାବୋର୍ଡର ଭୂତପୂର୍ବ

## ଚେୟାରମ୍ୟାନ୍
## ବାବୁ ଗୋପବନ୍ଧୁ ଚୌଧୁରୀ

ବାବୁ ଗୋପବନ୍ଧୁ ଚୌଧୁରୀ ଗତ ତିନବର୍ଷ ଚେୟାରମ୍ୟାନ୍ ଥାଇ ତାଙ୍କ କାର୍ଯ୍ୟକଳାପ ଏବଂ ବ୍ୟବହାରରେ ସମସ୍ତଙ୍କର ପ୍ରୀତିଭାଜନ ହୋଇଅଛନ୍ତି । ସେ ଯଦି ଏଥର ଚେୟାରମ୍ୟାନ୍ ହେବାକୁ ପୂର୍ବରୁ ଅନିଚ୍ଛା ପ୍ରକାଶ ନ କରଥାନ୍ତେ ସମସ୍ତେ ତାହାଙ୍କୁ ସାଦରେ ଗ୍ରହଣ କରିଥାନ୍ତେ । ତାହାଙ୍କ କାର୍ଯ୍ୟକଳାପ ମଧ୍ୟରେ ଯେ ଅନେକ ଯାହା କରିଅଛନ୍ତି ତହିଁମଧ୍ୟରେ ପ୍ରଧାନ ଉଲ୍ଲେଖଯୋଗ୍ୟ ଏହି ଯେ ତାଙ୍କର ନିଜର ବ୍ୟବହାରଦ୍ୱାରା ସମସ୍ତଙ୍କୁ ଦେଖାଇ ଦେଇ ଅଛନ୍ତି ଯେ ଚେୟାରମ୍ୟାନ ପଦରେ କୌଣସି ଗାମ୍ଭୀର୍ଯ୍ୟ ବା ଉଚ୍ଚପଦ ବୋଲି ଅଭିମାନ ନାହିଁ । ଚେୟାରମ୍ୟାନ୍ ଆମ୍ଭମାନଙ୍କର ସାଧାରଣ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ । ସେ ସରକାରୀ ହାକିମ ନୁହନ୍ତି—ଲୋକମାନଙ୍କର ପ୍ରତିନିଧି; ଚେୟାରମ୍ୟାନ୍‌ଙ୍କଠାରେ ସାଧାରଣ ଲୋକଙ୍କର କୌଣସି ଓଜର ଆପତ୍ତି ଓ ଦେଶର ଭଲମନ୍ଦ ଜଣାଇବାକୁ ଗଲେ କୌଣସି ହାକିମଙ୍କୁ ଜଣାଇବା ପରି ସଂକୋଚ ହେବାର କୌଣସି କାରଣ ନାହିଁ । ଆପଣାର ପ୍ରତିନିଧିକୁ ଯେପରି ଜଣାଇବା ସହଜ ଚେୟାରମ୍ୟାନ୍‌ଙ୍କୁ ମଧ୍ୟ ସେହିପରି ଯେ ଇଚ୍ଛା ସେ ସହଜରେ ଜଣାଇପାରିବେ । ପୂର୍ବେ ଉକ୍ତ ପଦ ସଙ୍ଗେ ଯେଉଁ ଗାମ୍ଭୀର୍ଯ୍ୟ ଥିଲା ତାହା ସେ ନଷ୍ଟକରି ଦେଇଅଛନ୍ତି ଏବଂ ସାଧାରଣ ଲୋକଙ୍କୁ ବୁଝାଇ ଦେଇଅଛନ୍ତି ଯେ ଡିଷ୍ଟ୍ରିକ୍ଟ ବୋର୍ଡଟି ପ୍ରକୃତ ସ୍ୱାୟତ୍ତଶାସନର ଗୋଟିଏ ଉଦାହରଣର ସ୍ଥଳ । ପ୍ରତ୍ୟେକର ତହିଁରେ ଯଥେଷ୍ଟ ଅଧିକାର ଅଛି । ସେଠାରେ ସମସ୍ତଙ୍କର ନିଜର କ୍ଷମତାର ସମଷ୍ଟି ପରିସ୍ଫୁଟ ହୁଏ । ଲୋକେ ବୁଝିପାରିଅଛନ୍ତି ଯେ ଡିଷ୍ଟ୍ରିକ୍ଟବୋର୍ଡଟି ସେହିମାନଙ୍କର ନିଜର ଅଧିକାର ଓ ଶକ୍ତି । ଗତ ନିର୍ବାଚନ ସମୟରେ ତାହାଙ୍କୁ ମଧ୍ୟ ଡିଷ୍ଟ୍ରିକ୍ଟବୋର୍ଡ ସଭା ଧନ୍ୟବାଦ ଅର୍ପଣ କରିଅଛନ୍ତି ।

ସ୍ୱର୍ଗୀୟ ବସୁ ବାହାଦୁର ନମାଇଚରଣ ନିଜ ସ୍ୱାୟତ୍ତଶାସନ ଆଇନ୍ ଚଳିବାରପର ପ୍ରଥମ ଚେୟାରମ୍ୟାନ୍ ଥିଲେ । ବାବୁ ଗୋପବନ୍ଧୁ ଚୌଧୁରୀଙ୍କ ସହରେ ତାହାଙ୍କର ତୈଳଚିତ୍ର ଡିଷ୍ଟ୍ରିକ୍ଟବୋର୍ଡ ହଲ୍‌ରେ ଉଦଘାଟିତ ହୋଇଥିଲା । ଆଶାକରୁଁ ବର୍ତ୍ତମାନ ଚେୟାରମ୍ୟାନ୍ ମଧ୍ୟ ବାବୁ ଗୋପବନ୍ଧୁ ଚୌଧୁରୀଙ୍କର ତୈଳଚିତ୍ର ସେହି ଗୃହରେ ରଖାଯିବାର ବ୍ୟବସ୍ଥା କରିବେ ।

---

# କଟକ ଜିଲ୍ଲାବୋର୍ଡ ରହସ୍ୟ

ଇ

## ଚେୟାରମ୍ୟାନ୍ ଓ ଭାଇସ୍‌ଚେୟାରମ୍ୟାନ୍ ନିର୍ବାଚନ

### କଟକ ଜିଲ୍ଲାବୋର୍ଡ ନିର୍ବାଚନ

କଟକ ଜିଲ୍ଲାବୋର୍ଡର ଚେୟାରମ୍ୟାନ୍, ଭାଇସ୍‌ଚେୟାରମ୍ୟାନ୍ ନିର୍ବାଚନସମ୍ବନ୍ଧେ ଆମ୍ଭେମାନେ ଏଥିପୂର୍ବେ କେତେକ ବିଷୟ ଉଲ୍ଲେଖ କରିଥିଲୁଁ । ଆଜି ଗୋଟିଏ ଦୃଶ୍ୟ ନିମ୍ନରେ ଉଲ୍ଲେଖ କଲୁଁ—

ଦୃଶ୍ୟ—ଜଣେ କାଉନ୍‌ସିଲ ଓ ଜିଲ୍ଲା ବୋର୍ଡ ଉଭୟସଭର ପ୍ରତିନିଧିଙ୍କ ଗୃହ । ଏକଜଣ କାଉନ୍‌ସିଲର ପ୍ରତିନିଧି ଓ ସହକର୍ମୀଙ୍କର ପ୍ରବେଶ ।

ଅଗତ କାଃ ପ୍ରଃ—ଆମ୍ଭେମାନେ ଆପଣଙ୍କ ନିକଟ ଆସିଲୁଁ । ସ୍ୱରାଜଦଳ ସେମାନଙ୍କର ମନୋନୀତ ଚେୟାରମ୍ୟାନ୍ ପଦପ୍ରାର୍ଥୀ ଅମୁକଙ୍କ ଲାଗି ମେମ୍ବରମାନଙ୍କୁ ପ୍ରବର୍ତ୍ତାଇବାନିମନ୍ତେ ଆମ୍ଭଙ୍କୁ ଭାର ଦେଇଅଛନ୍ତି । ଆମ୍ଭେ ସେହି କାର୍ଯ୍ୟ ସାଧନନିମନ୍ତେ ବାହାରିଅଛୁଁ । ଆପଣ ଯେବେ ଅନୁପସ୍ଥ ହଅନ୍ତି ତେବେ ଆମ୍ଭେ ତାଙ୍କ ନିମନ୍ତେ ଚେଷ୍ଟା ନ କରି ତାଙ୍କ ସକାଶ ଯାଇ ଆପଣଙ୍କ ସକାଶ ଚେଷ୍ଟାକରିବୁଁ ।

ଗୃହକର୍ତ୍ତା କାଃ ପ୍ରଃ—ମାଫକରନ୍ତୁ ମୁଁ ଆପଣଙ୍କୁ ଏ ଭାର ଦେଇ ନ ପାରେଁ ।

ସହକର୍ମୀ—ଆମ୍ଭେ ମଧ୍ୟ ସ୍ୱରାଜଦଳର ଜଣେ ପଣ୍ଡା । ଆପଣଙ୍କ ନିକଟ ସ୍ୱରାଜୀମାନେ ଆମ୍ଭଙ୍କୁ ନାନାପ୍ରକାରରେ ଅପଦସ୍ଥ କରିଅଛନ୍ତି । ମାତ୍ର ଆମ୍ଭେ ଆଦୌ ଦୋଷୀ ନୋହୁଁ । ଆପଣଙ୍କ ନିମନ୍ତେ ଆମ୍ଭର ସମ୍ପୂର୍ଣ୍ଣ ସହାନୁଭୂତି ଅଛି ।

ଗୃହସ୍ୱାମୀ—ସେଥିସକାଶ ବ୍ୟସ୍ତ ହେବେ ନାହିଁ ।

(ସହକର୍ମୀଙ୍କର ପ୍ରସ୍ଥାନ)

ଅଗତ କାଃ ପ୍ରଃ—ଲୋକଟା ଭାରି ବଦ । ସବୁଆଡେ ଥାଏ । ସବୁ ଫିକର କରେ । ଏବେ ଗାଏ ଢେଣେ ବଜାଏ ।

ଗୃହସ୍ୱାମୀ—ଆପଣଙ୍କୁ ମୋହର ଧନ୍ୟବାଦ ।

(ଅଗତ କାଉନସିଲ ପ୍ରତିନିଧିଙ୍କର ପ୍ରସ୍ଥାନ । ଆଉ ଜଣେ କାଉନ୍‌ସିଲ ଓ ଜିଲ୍ଲା ବୋର୍ଡ ଉଭୟ ସଭର ସରକାରଙ୍କ ମନୋନୀତ ପ୍ରତିନିଧିଙ୍କର ପ୍ରବେଶ ।)

ନବାଗତ ଉଭୟ ସଭର ପ୍ରତିନିଧି—ମୋତେ ଆପଣ ଜାଣନ୍ତି, ମୁଁ ସ୍ୱରାଜୀଙ୍କର ଯମ । ମୋତେ ସ୍ୱରାଜୀମାନେ ବର୍ତ୍ତମାନ ଚେୟାରମ୍ୟାନ୍ ହେବା କାରଣ ଅନୁରୋଧ କରୁଅଛନ୍ତି । କେବଳ ଆପଣଙ୍କର ପ୍ରତିଦ୍ୱନ୍ଦୀ କରିବାପାଇଁ ଏ ଚେଷ୍ଟା । ମୁଁ କିନ୍ତୁ ରାଜି ନୁହେଁ । ଆପଣ ଗୋଟିଏ କାମ କରନ୍ତୁ । ମୋହର ଅନୁରୋଧ ରଖାନ୍ତୁ । ମୋହର ସମର୍ଥିତ ଅମୁକଙ୍କୁ ଭାଇସ୍‌ଚେୟାରମ୍ୟାନ କରିବାକୁ ସାହାଯ୍ୟ କରନ୍ତୁ । ସେ ମଧ୍ୟ ଜିଲ୍ଲାବୋର୍ଡକୁ ସରକାରଙ୍କ ତରଫରୁ ମନୋନୀତ ହୋଇଅଛନ୍ତି । ସେ ଭାଇସ୍‌ଚେୟାରମ୍ୟାନ ହେଲେ ମୋହର ଚେୟାରମ୍ୟାନ ହେବା ସଙ୍ଗେ ସମାନ ହେବ ।

ଗୃହକର୍ତ୍ତା—ମାଫକରିବେ, ତାଙ୍କ ଦ୍ୱାରା କାର୍ଯ୍ୟ ଚଳିପାରିବନାହିଁ । କେହି ରାଜି ହେବେନାହିଁ ।

ନବାଗତ ପ୍ରଃ—(ସକ୍ରୋଧେ) ତେବେ ଦେଖିବା, କିପରି ଆପଣଙ୍କର ଉଦ୍ୟମ ସାଧନ ହେବ! ଆମ୍ଭେ ସ୍ୱରାଜୀ ଦଳର ମନୋନୀତ ପ୍ରାର୍ଥୀଙ୍କର ସହାୟ ହେଲୁଁ ।

(ସମସ୍ତଙ୍କର ପ୍ରସ୍ଥାନ)

---

ଦୃଶ୍ୟ—ଜିଲ୍ଲାବୋର୍ଡ ଅଫିସ ବାରନ୍ଦା, ମେମ୍ବର ଓ ଦର୍ଶକମାନଙ୍କର ପ୍ରବେଶ । ଇତସ୍ତତ ଭ୍ରମଣ, ପରସ୍ପର କୁଜ କାନ, ଭୁଟିଭାଟି ଇତ୍ୟାଦି ।

ଜଣେ ବେ-ସ୍ୱରାଜୀଙ୍କର ସ୍ୱରାଜଦଳର ମଙ୍ଗରାଜଙ୍କୁ ଗାଢ଼ ଆଲିଙ୍ଗନ ଓ ପ୍ରେମାଳାପ ।

କେତେକ ଦର୍ଶକ—ଧନ୍ୟ ବିଧାତାର କୂଟଚକ୍ର ।

କେତେକ ଦର୍ଶକ—ସ୍ୱାର୍ଥ! ତୁ ମନୁଷ୍ୟକୁ ଏକାବେଳକେ ଅନ୍ଧ କରିଦେଉ ।

କେତେକ ଦର୍ଶକ—ସ୍ୱାର୍ଥ ଏବଂ କ୍ରୋଧ ଉଭୟ ମନୁଷ୍ୟକୁ ଅମନୁଷ୍ୟ କରିପାରନ୍ତି, ବିବେକଶୂନ୍ୟ କରିପାରନ୍ତି ଏବଂ ନିର୍ଲଜ୍ଜ ମଧ୍ୟ କରିପାରନ୍ତି ।

ଜଣେ ଦର୍ଶକ—ଏଠାରେ ତ ଲେଶ ମାତ୍ର ସ୍ୱାର୍ଥ ନାହିଁ ।

ଅନ୍ୟ ଦର୍ଶକ—ଏଠାରେ ସ୍ୱାର୍ଥ * ପରସ୍ତ କମ୍ବଳ ଭିତରେ ଘୋଡ଼ାହୋଇ ରହିଅଛି । କ୍ଷମତା ଲୋଭନର ଲିପ୍ସା ଭାରି ପ୍ରବଳ ଲିପ୍ସା ।

(ଆଉ ଏକଜଣ ଦର୍ଶକଙ୍କର ପ୍ରବେଶ, ଜଣେ ମେମ୍ବରଙ୍କର ଉକ୍ତ ଆଗତ ଦର୍ଶକଙ୍କୁ ଆଲିଙ୍ଗନ ।)

ମେମ୍ବର—ମୁଁ ଆପଣଙ୍କ ସାକ୍ଷାତ ନିମନ୍ତେ ଅତ୍ୟନ୍ତ ବ୍ୟସ୍ତହୋଇ ପଡ଼ିଥିଲି । ଆପଣଙ୍କୁ କେତେ ଖୋଜିଲିଣି ।

ଆଗତଦର୍ଶକ—ମାଫକରନ୍ତୁ, କ୍ଷମାକରନ୍ତୁ । ମୁଁ ତ ଜିଲ୍ଲାବୋର୍ଡର ମେମ୍ବର ନୁହେଁ; ମୁଁ ଜଣେ ସାଧାରଣ ଦର୍ଶକ । ମୋହର ନାମରେ ଅନ୍ୟ କେହି ବ୍ୟକ୍ତି ମେମ୍ବର ଥିବେ । ତାଙ୍କୁ ଖୋଜନ୍ତୁ ତାଙ୍କୁ ଆଲିଙ୍ଗନ କରନ୍ତୁ ।

ମେମ୍ବର—(ଗୁଡ଼ିହେବା) ଓହୋଃ ତେବେ ମୁଁ—

---

ଦୃଶ୍ୟ—ଜିଲ୍ଲାବୋର୍ଡ ସଭାଗୃହ

ଏକଜଣ ମେମ୍ବରଙ୍କର ପ୍ରସ୍ତାବ ଓ ଅନ୍ୟ ଜଣଙ୍କର ଅନୁମୋଦନରେ ଜଣେ ବିଶିଷ୍ଟ ସଭ୍ୟଙ୍କର ସଭାପତି ଆସନ ଅଧିକାର କରିବା କାରଣ ଅର୍ଦ୍ଧପଥ ଗମନ, ଏମନ୍ତ ସମୟରେ ଅନ୍ୟ ଏକସଭ୍ୟଙ୍କଦ୍ୱାରା ଅନ୍ୟ ବ୍ୟକ୍ତିଙ୍କର ନାମ ପ୍ରସ୍ତାବ, ତତ୍‌କ୍ଷଣାତ୍ ଅନୁମୋଦନ, ଅର୍ଦ୍ଧପଥଗାମୀ ସଭ୍ୟଙ୍କର ପ୍ରତ୍ୟାଗମନ ଓ ଅନ୍ୟ ବ୍ୟକ୍ତିଙ୍କର ସଭାପତି ଆସନ ଅଧିକାର ।

ଦର୍ଶକ ଗଣ—ଜିଲ୍ଲାବୋର୍ଡ ବ୍ୟାପାର କମେ ବାଲ୍ୟ କ୍ରୀଡ଼ାରୁ ହୋଇ ଉଠିଲା ଯେ! ଇତ୍ୟାଦି ଇତ୍ୟାଦି ଇତ୍ୟାଦି !

---

## କଟକର ସ୍ୱାସ୍ଥ୍ୟ

କଟକରେ ଗତ କେତେକ ଦିନହେଲା ଓଲେଉଠାର ପ୍ରାଦୁର୍ଭାବ ବହୁପରିମାଣରେ କମିଯାଇଅଛି ମାତ୍ର ଟାଇଫଏଡ଼ଜ୍ୱର (Typhoid Fever)ର ପ୍ରାଦୁର୍ଭାବ ବିଶେଷ ବୃଦ୍ଧି ହୋଇଅଛି । ବର୍ତ୍ତମାନ ଡାକ୍ତରଖାନାରେ ୧୦ଗୋଟି ଏହିପରି ଜ୍ୱରରୋଗୀ ଚିକିତ୍ସିତ ହେଉଅଛନ୍ତି । ଆଉ ସହରରେ ମଧ୍ୟ କେତେ ଏହିପ୍ରକାର ରୋଗାକ୍ରାନ୍ତ ହୋଇଅଛନ୍ତି । ଡାକ୍ତରମାନେ କହନ୍ତି ଜଳଦୋଷରୁ ଏହିରୋଗର ପ୍ରାଦୁର୍ଭାବ ହେଉଅଛି । ତେଣୁ ମ୍ୟୁନିସିପାଲିଟିଙ୍କ ତରଫରୁ ଲୋକମାନଙ୍କର କୂପରେ ଔଷଧ ପକାଇବାର ବ୍ୟବସ୍ଥା ହୋଇଅଛି ଏବଂ ଔଷଧ କଲିକତାରୁ ଆଣିବାର ଅସୁବିଧା ଘଟିଥିବାରୁ ମାନ୍ଦ୍ରାଜରୁ ମଧ୍ୟ ଆଣାଇବାର ବ୍ୟବସ୍ଥା କରାଯାଇଥିବାର ସମ୍ବାଦ ପାଇଅଛୁଁ ।

---

ସମ୍ବାଦ ପାଇଲୁଁ ବଙ୍ଗଳାର ମିନିଷ୍ଟ୍ରି ଗତକାଲି କାଉନ୍‌ସିଲରେ ପରାସ୍ତ କରାଯାଇ ଅଛି । ବିସ୍ତୃତ ବିବରଣ ପରେ ପ୍ରକାଶ ହେବ ।

* * *

କୁଜୁଙ୍ଗର ରାଜ୍ଞୀଙ୍କ ଚିକିତ୍ସାନିମନ୍ତେ ଏଥିପୂର୍ବେ କସୋଲି ଯିବାକୁ ପଡ଼ିଥିଲା । କସୋଲି ସିମିଲା ନିକଟରେ ଅବସ୍ଥିତ । ସିବା ଆସିବାରେ ଅନେକଟଙ୍କା ବ୍ୟୟ କରିବାକୁ ପଡ଼ୁଥିଲା । ବର୍ତ୍ତମାନ ଗଞ୍ଜାମଜିଲ୍ଲା ବରହମ୍ପୁରଠାରେ ସେହି ଚିକିତ୍ସାର ବ୍ୟବସ୍ଥା କରାଯାଇଅଛି ।

Digitized by srujanika@gmail.com

